**ଗଣ୍ଡଗୋଳ ଘଟଣାରେ ୨ଗିରଫ**

ହିଞ୍ଜିଳିକାଟୁ,(ଡି.ଏନ୍.ଏ.)- ହିଞ୍ଜିଳି ଥାନା ସିଙ୍ଗିପୁର ଠାରେ ଗତ ୪ତାରିଖ ରାତିରେ ଗାଁ ଦାଣ୍ଡରେ ଏକ ଭୋଜି ଆୟୋଜନ ହୋଇଥିଲା। ଉକ୍ତ ରାସ୍ତା ଦେଇ ଗ୍ରାମର ୨ଭାଇ ଭରତ ସେଠି ଓ ଶତ୍ରୁଘ୍ନ ସେଠି ଘରକୁ ଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରେ ଏହାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ୫ତାରିଖରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏହି ଘଟଣାରେ ପୋଲିସ ନଂ.୫୨/୨୧ରେ ମାମଲା ରୁଜୁକରି ସିଙ୍ଗିପୁରର ଜୁରିଆ ମହାନ୍ତି ଓ ପାଟପୁର ଗ୍ରାମର ଭିକା ସ୍ୱାଇଁଙ୍କୁ ଗିରଫ କରିଛି।

## ସଂକ୍ଷେପରେ

ଫୋରମ୍ ଫର୍ ଗଞ୍ଜାମର ବୈଠକ

### ଜିଲାରେ ସୈନିକ ସ୍କୁଲ ପ୍ରତିଷ୍ଠା ଦାବି

**ବ୍ରହ୍ମପୁର ଅଫିସ୍,୯।୨:** ଫୋରମ୍ ଫର୍ ଗଞ୍ଜାମ ପକ୍ଷରୁ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ ପରିସରରେ ଏକ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବଜେଟ୍‌ରେ କେନ୍ଦ୍ର ସରକାର ୧୦୦ ସୈନିକ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋପାଳପୁରଠାରେ ଆର୍ମି ଏଡ଼ି କଲେଜ ଥିବା ପରିପ୍ରେକ୍ଷୀରେ ବ୍ରହ୍ମପୁର କିମ୍ବା ଜିଲାରେ ସୈନିକ ସ୍କୁଲ ପ୍ରତିଷ୍ଠା ପାଇଁ ଫୋରମ୍ ପକ୍ଷରୁ ଦାବି ହୋଇଛି। ଏଥିସହ ଆର୍ଥିକ ପରିଚାଳନା ଅନୁଷ୍ଠାନ ପ୍ରତିଷ୍ଠା, ରେଳ ବଜେଟ୍‌ରେ ଜିଲା ପ୍ରତି ଉପେକ୍ଷା, ଶ୍ରମିକ ସୁରକ୍ଷା ଥଇଥାନ ପାଇଁ ଜିଲାରେ କଟନ୍ କ୍ଲଷ୍ଟର ସହ ଲୁଗା କାରଖାନା ପ୍ରତିଷ୍ଠା ପାଇଁ ଫୋରମ୍ ପକ୍ଷରୁ ଦାବି ହୋଇଥିଲା। ଏଥିସହ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପକୁ ସାଧୁବାଦ ଜଣାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୩ରୁ ୨୯ ଯାଏ ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ୧୦୦ ବର୍ଷ ପୂର୍ତ୍ତିକୁ ୭ ଦିନ ପାଳନ କରାଯିବା ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ବୈଠକରେ ଇଟି ରାଓ, ଜାମୁଲା ସୁରେଶ, ପ୍ରସନ୍ନ ମୁନି, ମାନସ ପାତ୍ର, ସ୍ୱରାଜ୍ୟ ସୁବୁଦ୍ଧି, ଶ୍ୱେତାଲିନି ପଣ୍ଡା, ସୁଶାନ୍ତ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

ଲଜ୍ ମାଲିକଙ୍କଠାରୁ ଲୁଟ୍ ଘଟଣା

**ବୁଗୁଡ଼ା,୯।୨(ଡି.ଏନ.ଏ.)-** ଭଞ୍ଜନଗର ଓମ୍ ଲଜ୍ ମାଲିକ ଅମରେନ୍ଦ୍ର ପଟ୍ଟନାୟକ ଓରଫ ବାବିଙ୍କୁ ମାଡ଼ ମାରିବା ସହ ମାଉଜର ଦେଖାଇ ୩ଟି ସୁନା ମୁଦି, ଚେନ ସହ ନଗଦ ୨ ଲକ୍ଷ ୩୦ ହଜାର ଟଙ୍କା ଲୁଟି ନେବା ଘଟଣାରେ ପୋଲିସ ନଂ.୪୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲୁଟ୍ ଘଟଣାରେ ୮ ଜଣ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ମାତ୍ର ଏଯାଏ ସେମାନଙ୍କ ସମ୍ପର୍କରେ ଟେର ପାଇନଥିବା ଜଣାପଡିଛି। ଅମରେନ୍ଦ୍ର ସୋମବାର ତାଙ୍କ କାରରେ ବୁଗୁଡ଼ା ଅଭିମୁଖେ ଆସୁଥିବା ବେଳେ ୪ ବାଇକରେ ତାଙ୍କୁ ପିଛା କରି ଆସୁଥିବା ୮ ମୁଖାପିନ୍ଧା ଦୁର୍ବୃତ୍ତ ମୋଟାବାଡ଼ି ନିକଟରେ କାର୍ ସମ୍ମୁଖରେ ବାଇକ ରଖିଦେଇଥିଲେ। ଅମରେନ୍ଦ୍ର କାର ରଖିବା କ୍ଷଣି ମାଉଜର ଦେଖାଇ କାରରୁ ବାହାରକୁ ଆଣି ନିକଟସ୍ଥ ଜଙ୍ଗଲକୁ ନେଇ ମାଡ ମାରିବା ସହ ଟଙ୍କା ଓ ସେ ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ପୂର୍ବରୁ ଏହି ରାସ୍ତାଦେଇ ଯାଉଥିବା ଜଣେ ରୂପା ବ୍ୟବସାୟୀ ଓ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ହୋଇଥିଲେ ମଧ ଅଦ୍ୟାବଧି ଉକ୍ତ ୨ ଘଟଣାରେ ମଧ ଲୁଟେରାଙ୍କ ଟେର୍ ପାଇନି ପୋଲିସ।

### ପରୀକ୍ଷା ଦର୍ପଣ ବଣ୍ଟନ

**ଆର୍.ଉଦୟଗିରି,୯।୨(ଡି.ଏନ.ଏ.):** ଆର.ଉଦୟଗିରି ଓ ମୋହନା ଅଞ୍ଚଳର ୩୭୦ ଛାତ୍ରୀଛାତ୍ରଙ୍କୁ ସୋମବାର ପରୀକ୍ଷା ଦର୍ପଣ ଟେଷ୍ଟପେପର ବଣ୍ଟନ କରାଯାଇଛି। ଏଥିରେ ନୂତନ ସିଲାବସ ଅନୁସାରେ ହେବାକୁ ଥିବା ପରୀକ୍ଷାର ନମୁନା ଥିବାରୁ ଚଳିତବର୍ଷ ଅଧିକା ମାର୍କ ଆଣିବାରେ ଏହା ସହାୟକ ହେବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ମୋହନା ବ୍ଲକର ୪୫ ହାଇସ୍କୁଲ ଓ ଆର.ଉଦୟଗିରି ବ୍ଲକରେ ଥିବା ୧୪ ହାଇସ୍କୁଲରେ ପରୀକ୍ଷା ଦର୍ପଣ ବଣ୍ଟାଯାଇଥିବା ଜଣାପଡ଼ିଛି।

# ଫଳପ୍ରଦ ହୋଇପାରୁନି ଜଳନିଧି ଯୋଜନା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଷୀ ଅନ୍ତର୍ଭୁକ୍ତ ପାଇଁ ପରାମର୍ଶ**

**ବ୍ରହ୍ମପୁର ଅଫିସ୍,୯।୨**

ଚାଷ କ୍ଷେତ୍ରରେ ଚାଷୀଙ୍କୁ ସ୍ୱାବଲମ୍ବୀ କରାଇବା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ଯାହାକି ଚାଷୀଙ୍କୁ ଫସଲ ଉତ୍ପାଦନ କ୍ଷେତ୍ରରେ ସହାୟକ ହୋଇପାରିବ। କିନ୍ତୁ ଏଭଳି କେତେକ ଯୋଜନା ରହିଛି ସମ୍ବଳ ଅଭାବରୁ ଚାଷୀ କାର୍ଯ୍ୟକାରୀ କରିବାରେ ବିଫଳ ହେଉଛି। ଏଭଳି ହେଉଛି ଜଳନିଧି ଯୋଜନା। ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୬ରେ ଲାଗୁ ହୋଇଥିଲା। ଏହି ଯୋଜନା ମୁତାବକ ପ୍ରତ୍ୟେକ ଚାଷୀ ନିଜ ଜମିରେ ଗଭୀର ନଳକୂପ ଖୋଳିବା କ୍ଷେତ୍ରରେ ସମସ୍ତ ପ୍ରକାର ସରକାରୀ ସହାୟତା ପାଇପାରିବେ। କିନ୍ତୁ ଏହି ଯୋଜନା ଅତ୍ୟନ୍ତ ଖର୍ଚ୍ଚାନ୍ତ କାରଣରୁ ଏଥିପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗିଛି।

ସୂଚନା ମୁତାବକ, ରାଜ୍ୟ ସରକାର ଏଥିରେ ଚାଷୀଙ୍କୁ ପ୍ରାୟ ୧ ଲକ୍ଷରୁ ୨ ଲକ୍ଷ ଟଙ୍କାର ସବ୍‌ସିଡ଼ି(ରିହାତି) ପ୍ରଦାନର ବ୍ୟବସ୍ଥା ରହିଛି। କିନ୍ତୁ ବ୍ୟୟ ବହୁଳ ଯୋଗୁ ଏଥିପ୍ରତି ସାଧାରଣ ବର୍ଗ ଚାଷୀ, ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଚାଷୀଙ୍କ କ୍ଷେତ୍ରରେ ଅନାଗ୍ରହ ଦେଖାଦେଇଛି ବୋଲି ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଚଳିତ ବର୍ଷ ସୁଦ୍ଧା ଗଞ୍ଜାମର ୨୨ଟି ବ୍ଲକରେ ୩୩ଟି ଗଭୀର ନଳକୂପ ଖୋଳିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ଏଥିମଧ୍ୟରୁ କେବଳ ୧୯ ବ୍ଲକର ଚାଷୀ ଆବେଦନ କରିଛନ୍ତି। ଏଥିମଧ୍ୟରୁ ସାଧାରଣ ବର୍ଗର ଚାଷୀଙ୍କ ମଧ୍ୟରେ ଚିକିଟି, ରଙ୍ଗେଇଲୁଣ୍ଡା, ଦିଗପହଣ୍ଡି, କୁକୁଡ଼ାଖଣ୍ଡି, ସାନଖେମୁଣ୍ଡି, ହିଞ୍ଜିଳି, ପୁରୁଷୋତ୍ତମପୁର, ଧରାକୋଟ, ସୋରଡ଼ା, ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ, କବିସୂର୍ଯ୍ୟନଗର ଓ ପୋଲସରା ବ୍ଲକ ରହିଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଚାଷୀଙ୍କ ମଧ୍ୟରେ କେବଳ ଗଞ୍ଜାମ ଓ ଖଲ୍ଲିକୋଟରୁ ଜଣେ ଲେଖାଏ ଚାଷୀ ହିଁ ଆବେଦନ କରିଛନ୍ତି। ନଳକୂପ ଖୋଳିବା ନିମନ୍ତେ ଚାଷୀଙ୍କୁ ପ୍ରଥମେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରିବାକୁ ପଡ଼ିଥାଏ। ଯାହାକି ଜଣେ ସାଧାରଣ ଚାଷୀଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ। ଏଣୁ ବହୁ ଚାଷୀ ଏହି ଯୋଜନାରୁ ଦୂରେଇ ରହୁଥିବା ସହକାରୀ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି। ଫଳରେ ଜିଲାରେ ଚାଷୀ ବର୍ତ୍ତମାନ ସୌରଶକ୍ତି ଜଳନିଧି ଯୋଜନା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ମିଳିଥିବା ତଥ୍ୟ ମୁତାବକ, ଏହି ଯୋଜନା ରାଜ୍ୟ ସରକାରଙ୍କ ହୋଇଥିବା ବେଳେ ଓଆର୍‌ଡିଏ(ଓଡ଼ିଶା ରିନ୍ୟୁଏବଲ୍ ଡେଭଲପ୍‌ମେଣ୍ଟ ଏଜେନ୍ସି) ପକ୍ଷରୁ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଯେଉଁଥିପାଇଁ ସମୁଦାୟ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିପାଇଁ ଚାଷୀଙ୍କୁ ପ୍ରଥମେ ୫୪୫୪ ଟଙ୍କା ଦେବାକୁ ପଡ଼ିଥାଏ। ଅନ୍ୟ ସମସ୍ତ ଖର୍ଚ୍ଚ ଉକ୍ତ ସଂସ୍ଥା ବହନ କରିଥାଏ। ଏଥିସହ ପ୍ରତ୍ୟେକ ଚାଷୀ ୫ ହେକ୍ଟର ଜାଗାରେ ହିଁ ୫ ଏଚ୍‌ପି ବିଶିଷ୍ଟ ସୌରଶକ୍ତି ପ୍ୟାନେଲ ସ୍ଥାପନ କରିପାରିବ। ମୁଣ୍ଡପିଛା ଗୋଟିଏ ସୌରଚାଳିତ ପ୍ୟାନେଲ ହିଁ ଚାଷୀଙ୍କୁ ମିଳିଥାଏ। ଜିଲାରେ ବର୍ତ୍ତମାନ ୧୮୦ ସୌରଚାଳିତ ପ୍ୟାନେଲ ବସାଇବା ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଏଥିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ତର୍ଭୁକ୍ତ ଚାଷୀଙ୍କୁ ଅଧିକା ଅନ୍ତର୍ଭୁକ୍ତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏହି ମର୍ମରେ ଜିଲାରେ ୧୦୩ ଜଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଷୀ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ସହକାରୀ କୃଷି ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଷୀଙ୍କୁ କୂପ ଖନନ କ୍ଷେତ୍ରରେ ଅଧିକା ଅନ୍ତର୍ଭୁକ୍ତ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିବା ସେ କହିଛନ୍ତି।



ସାଇକେଲ ରାଲିରେ ବାହାରିଥିବା ଯୁବକମାନେ ।

## ସଡ଼କ ସୁରକ୍ଷା ସାଇକେଲ ରାଲି

**ଆସିକା,୯।୨(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ କନିଆରୀ ଗ୍ରାମର ଗିରିଜା ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ଆସିକା ସହରରେ ସଡ଼କ ସୁରକ୍ଷା ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା । ସଂଘର ସଭ୍ୟମାନେ ଆସିକା ସହର ଓ ଆଖପାଖ ଅଞ୍ଚଳରେ ସାଇକେଲରେ ବୁଲି ଛକଗୁଡ଼ିକରେ ଅଟକି ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଯୁବକ ସଂଘର ସଭାପତି ରବୀନ୍ଦ୍ର ନାୟକ ଏବଂ କବିସୂର୍ଯ୍ୟନଗରର ସାମାଜିକ କର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀଙ୍କ ନେତୃତ୍ୱରେ ଦ୍ୱିତୀକୃଷ୍ଣ ସାହୁ, ଅଲେଖ ପ୍ରଧାନ, କାହ୍ନୁଚରଣ ସାହୁ, ମଣ୍ଟୁ ନାୟକ, ଚିଣ୍ଟୁ ନାୟକ, କାଳିଚରଣ ସାହୁ, ସାଗର ସାହୁ, ପପୁନ ବେହେରା ପ୍ରମୁଖ ରାଲିରେ ସାମିଲ ଥିଲେ ।

## ୨ ଦିନିଆ ରିମାଣ୍ଡରେ ଅଭିଯୁକ୍ତ

**ପ୍ରିପେଡ୍ ମିଟର ଯୋଗାଇବା ନାଁରେ ଠକେଇ ଘଟଣା**

**ବ୍ରହ୍ମପୁର ଅଫିସ,୯।୨**

ଗ୍ରାହକଙ୍କୁ ପ୍ରିପେଡ୍ ମିଟର ଯୋଗାଇବା ନାଁରେ ଟଙ୍କା ଠକେଇ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ୨ଦିନିଆ ରିମାଣ୍ଡରେ ଆଣିଛି। ସେ ହେଲେ କୀର୍ତ୍ତି ଗ୍ରାମର ବିଶ୍ୱନାଥ ବିଶ୍ୱାଳ। ବୈଦ୍ୟନାଥପୁର ଥାନା ପୋଲିସ ବିଶ୍ୱନାଥଙ୍କୁ ଗତ ୨୮ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ପୋଲିସ ତାଙ୍କୁ ୩ଦିନିଆ ରିମାଣ୍ଡରେ ଆଣିବାକୁ ଏସଡ଼ିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିବାବେଳେ ୨ଦିନ ମଞ୍ଜୁର କରିଛନ୍ତି। ଜିଲା ତଥା ବାହାରେ ବିଶ୍ୱନାଥ କେତେଜଣଙ୍କଠାରୁ ଟଙ୍କା ଠକେଇ କରିଛନ୍ତି, ସେ ନେଇ ପୋଲିସ ପଚରାଉଚରା କରୁଛି। ଦକ୍ଷିଣ ଓଡ଼ିଶାର ୭ ଜିଲାର ଲୋକଙ୍କୁ ପ୍ରିପେଡ୍ ମିଟର ଯୋଗାଇବା ଓ ସଂସ୍ଥାରେ କାମ ଦେବାକୁ କହି ଜଣ ପିଛା ୩୦ ହଜାର ଲେଖାଏ ଆଦାୟ ହୋଇଥିଲା। ଏ ନେଇ ଟାଟା କମ୍ପାନୀ ଜେନେରାଲ ମ୍ୟାନେଜର ଥାନାରେ ଅଭିଯୋଗ କରିବା ପରେ ୫୪ ଲକ୍ଷ ଟଙ୍କାର ଏହି ଠକେଇ ମାମଲାର ପର୍ଦ୍ଦାଫାଶ କରିଥିଲା ବ୍ରହ୍ମପୁର ପୋଲିସ। ଅଭିଯୁକ୍ତ ବିଶ୍ୱନାଥ ବ୍ରହ୍ମପୁର କାଳୀମନ୍ଦିର ନିକଟସ୍ଥ ଡକ୍ଟର୍ସ ଲେନ୍‌ରେ ମା'ତାରାତାରିଣୀ ସର୍ଭିସେସ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥାର କାର୍ଯ୍ୟାଳୟ ଖୋଲିଥିଲେ। ନିଜକୁ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ଭାବେ ଦର୍ଶାଇବା ସହ ତାଙ୍କ ସଂସ୍ଥା ଟାଟା ପାୱାରଠାରୁ ଫ୍ରାଞ୍ଚାଇଜ ପାଇଛି ବୋଲି କହୁଥିଲେ। ଏ ନେଇ ସେ ଟାଟା ପାୱାର ଉପସଭାପତିଙ୍କ ଲେଟର ପାଇଛନ୍ତି ବୋଲି ଏକ ନକଲି ଲେଟର ଦେଖାଉଥିଲେ। ତେବେ ସାଉଥ୍‌କୋଠାରୁ ଦାୟିତ୍ୱ ନେବା ପରେ ଟାଟା ପାୱାର ପୁରୁଣା ମିଟର ବଦଳରେ ପ୍ରି-ପେଡ ମିଟର ଲଗାଇବାକୁ ଚାହୁଁଛି। ଆଉ ଏହି କାମ ପାଇଁ ବିଶ୍ୱନାଥ ନିଜ ସଂସ୍ଥା ଅଧୀନରେ ପଞ୍ଚାୟତ ସଂଯୋଜକ ଭାବେ କିଛି ଲୋକ ତଥା ଲୋକାଲ ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବହୁ ଲୋକ ତଥା ଲୋକାଲ ସଂସ୍ଥା ଟଙ୍କା ଜମା କରିଥିଲେ। ଘଟଣା ଜଣାପଡିବା ପରେ ଟାଟା ପାୱାର ଜେନେରାଲ ମ୍ୟାନେଜର (ବାଣିଜ୍ୟ) ଲେଙ୍କା ପ୍ରସାଦ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ଜିଲାପାଳ, ଏସ୍‌ପି



ମୃତକଙ୍କ ଫଟୋଚିତ୍ରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମାଲ୍ୟାର୍ପଣ କରୁଛନ୍ତି।

**ମେଣ୍ଟରାଜପୁର ବସ୍ ଦୁର୍ଘଟଣାକୁ ବର୍ଷେ**

**ଗୋପାଳପୁର,୯।୨(ଡି.ଏନ୍.ଏ.)**

କନିଷି ନିକଟସ୍ଥ ମେଣ୍ଟରାଜପୁର ଗ୍ରାମରେ ଗତବର୍ଷ ଫେବୃୟାରୀ ୯ରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଏକ ବସ୍ ଆସିଯିବାରୁ ନିର୍ବନ୍ଧ ପାଇଁ ଯାଉଥିବା ଲୋକଙ୍କ ମଧ୍ୟରୁ ୧୨ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ ମଙ୍ଗଳବାର ବର୍ଷେ ପୁରିଥିବାବେଳେ ପ୍ରଶାସନର ପାଦ ପଡିଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ଭିନ୍ନକ୍ଷମ ପାଲଟିଥିବା ଲୋକଙ୍କ ପରିବାରକୁ ମଙ୍ଗଳବାର ଜିଲା ପ୍ରଶାସନ ଭେଟି ସମବେଦନା ଜଣାଇଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଓ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପ୍ରମୁଖ ପୂର୍ବାହ୍ନରେ ଗାଁରେ ପହଞ୍ଚିଥିଲେ। ମୃତକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏକ୍‌ସିଂ ସରପଞ୍ଚ ଏସ୍. ସୁଧାକର ରେଡ୍ଡୀ ଏବଂ ଆହତ ଓ ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଜିଲାପାଳ ବିଭିନ୍ନ ବିଷୟରେ ଆଲୋଚନା ସହ ସମସ୍ୟା ପଚାରି ବୁଝିଥିଲେ। ବ୍ରହ୍ମପୁର ଏସ୍‌ପି ଏହି ଦୁର୍ଘଟଣାରେ ୨ ଗୋଡ଼ ହରାଇଥିବା ବି. ସାରଦା ଓ ବି. ପ୍ରସାଦ ରେଡ୍ଡୀଙ୍କ ବାସଭବନକୁ ଯାଇ ଆଶ୍ୱାସନା ଦେଇଥିଲେ। ସେହିପରି ବାପା ମା'ଙ୍କୁ ହରାଇଥିବା ୨ଝିଅ ଦ୍ରୌପଦୀ ଓ ଜ୍ୟୋତ୍ସ୍ନାଙ୍କୁ ଭବିଷ୍ୟତରେ ଉତ୍ତମ ଶିକ୍ଷା ଗ୍ରହଣ କରି ଭବିଷ୍ୟତ ଗଠନ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ଚିକିଟି ବିଡିଓ ଫାଲ୍‌ଗୁନ ମାଝୀ, ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ, ଚିକିଟି ଅତିରିକ୍ତ ତହସିଲଦାର, ଏକସିଂ ସମିତିସଭ୍ୟ ତୁଳସେୟା ରେଡ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୯।୨**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅନନ୍ତନଗରର ଏକ ଛାତ୍ରୀ ନିବାସରେ ରହୁଥିବା ଜଣେ ଛାତ୍ରୀ ବେକରେ ଚୁନିର ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର କନ୍ଧମାଳ ଜିଲା ଟିକାବାଲି ବୋଲି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ୬୩/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଛାତ୍ରୀଙ୍କ ମୃତ୍ୟୁ ନେଇ ତାଙ୍କ ବାପା କାହା ବିରୋଧରେ କୌଣସି ଅଭିଯୋଗ କରି ନ ଥିବା ପୋଲିସ କହିଛି। ମୋ ଝିଅ ଗତ ୭ ଦିନ ତଳେ ବ୍ରହ୍ମପୁର ଆସି ପାଣିଗ୍ରାହୀ ଛାତ୍ରୀନିବାସରେ ରହୁଥିଲା। ମଙ୍ଗଳବାର ସେ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇ ମେଡିକାଲରେ ପହଞ୍ଚିଥିଲି। ଅନ୍ୟପଟେ ପୋଲିସ ଛାତ୍ରୀଙ୍କ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ ଘଟଣା ସ୍ପଷ୍ଟ ହେବ ବୋଲି କହିଛି। ଘଟଣାରୁ ପ୍ରକାଶ, ମଙ୍ଗଳବାର ସକାଳେ ଉକ୍ତ ଛାତ୍ରୀ ନିବାସରେ ରହୁଥିବା ଜଣେ ଛାତ୍ରୀ ରୁମ୍ ନିକଟକୁ ଆସି କବାଟ ବାଡେଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ନ ଖୋଲିବାରୁ ଛାତ୍ରୀନିବାସର ସମସ୍ତେ ଏନେଇ ମାଲିକଙ୍କୁ ଖବର କରିଥିଲେ। ପରେ ମାଲିକ କବାଟ ଭାଙ୍ଗି ଦେଖିବା ବେଳେ ଛାତ୍ରୀ ଜଣଙ୍କ ଚୁନିର ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ଛାତ୍ରୀ ଜଣଙ୍କ ବଞ୍ଚିଥିବା ସନ୍ଦେହ କରି ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜେଲ ଗଲେ ଅଭିଯୁକ୍ତ ବାପା

**ବଳାତ୍କାର ଘଟଣା**

**ବ୍ରହ୍ମପୁର ଅଫିସ,୯।୨**

ଗଞ୍ଜାମ ଜିଲାରେ ଗତ ୩ ତାରିଖରେ ଘଟିଥିବା ଏକ ବଳାତ୍କାର ଘଟଣାରେ ଅଭିଯୁକ୍ତ ବାପାଙ୍କୁ ପୋଲିସ ମାମଲା ନମ୍ବର ୩୮/୨୧ ରେ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୂର୍ବରୁ ୮ବର୍ଷର ପୀଡ଼ିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି। ପରେ ପୀଡ଼ିତା ଓ ତାଙ୍କ ସାନ ଭାଇଙ୍କୁ କୋର୍ଟ ନିର୍ଦ୍ଦେଶ କ୍ରମେ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ପୋଲିସ ହାଜର କରିଥିଲା। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶ କ୍ରମେ ପୀଡ଼ିତା ଓ ତାଙ୍କ ଭାଇଙ୍କୁ ବାଳସୁଧାର ଗୃହରେ ଥଇଥାନ କରାଯାଇଛି।

ଘଟଣାରୁ ପ୍ରକାଶ, ଗତ ୩ ତାରିଖ ଅପରାହ୍ନରେ ଆଉ ଘରେ ଥିବା କୁନି ଝିଅକୁ ତାଙ୍କ ବାପା ବଳାତ୍କାର କରିଥିଲେ। ପୀଡିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇଯିବା ଦେଖି ଅଭିଯୁକ୍ତ ପିନ୍ଧିଥିବା ପଇତା ବେକରେ ଗୁଡାଇ ଆତ୍ମହତ୍ୟା ଉଦ୍ୟମକରି ଆହତ ହୋଇଥିଲେ। ପୋଲିସ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଥିଲା। ଅନ୍ୟପଟେ ଆହତ ଅଭିଯୁକ୍ତଙ୍କୁ ମଧ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ସେ ସୁସ୍ଥ ଅନୁଭବ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା ବୋଲି ଥାନାଧିକାରୀ କହିଛନ୍ତି।

### ନଡ଼ା ଗଦାରେ ନିଆଁ

**ଭଞ୍ଜନଗର,୯।୨(ଡି.ଏନ.ଏ)**

ଭଞ୍ଜନଗର ତହସିଲ ଯୋଗୀମାରିରେ ମଙ୍ଗଳବାର ଅପରାହ୍ନରେ ସୂର୍ଯ୍ୟ ପ୍ରଧାନଙ୍କ ନଡ଼ା ଗଦାରେ ନିଆଁ ଲାଗିଯାଇଥିଲା। ନଡ଼ା ଗଦା ନିକଟରେ କିଛି ଚାଳଘର ରହିଥିଲା। କିନ୍ତୁ ଭଞ୍ଜନଗର ଦମକଳ ବାହିନୀ ଠିକ୍ ସମୟରେ ପହଞ୍ଚି ନିଆଁକୁ ଆୟତ କରିବାରୁ ଗ୍ରାମବାସୀ ଏକ ବଡ଼ଧରଣର ବିପଦରୁ ରକ୍ଷା ପାଇଯାଇଛନ୍ତି।

## ବିନା ନୋଟିସରେ ଭାଙ୍ଗିଦେଲେ ଘର



ଭଙ୍ଗା ଯାଇଥିବା ଘର।

**ଗଞ୍ଜାମ,୯।୨(ଡି.ଏନ.ଏ.)**

ଗଞ୍ଜାମ ତ୍ରିବେଣୀ ମଠ ଛକ ଠାରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପରିବାର ସହ ରହି ଆସୁଥିବା କନ୍ଧ ଶତପଥୀଙ୍କ ଘର ମନ୍ଦିର ଜାଗାରେ ହୋଇଥିବା ଦର୍ଶାଇ ମନ୍ଦିର ମାଲିକ ତାହାକୁ ଭାଙ୍ଗିଦେଇଛନ୍ତି। କନ୍ଧଙ୍କ ସ୍ତ୍ରୀ ସୁଦଷ୍ଟା ଯେତେ କାକୁତି ମିନତି ହୋଇଥିଲେ ମଧ କେହି ଶୁଣି ନ ଥିଲେ। ବିନା ନୋଟିସରେ ଜେସିବି ଲଗାଇ ଘର ଭାଙ୍ଗି ଦିଆଯାଇଥିବା କନ୍ଧଙ୍କ ପୁଅ ମନୋରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ମନ୍ଦିରରେ କନ୍ଧ ଦୀର୍ଘ ବର୍ଷ ଧରି ଠାକୁରଙ୍କ ପୂଜା କରୁଥିଲେ। ମନ୍ଦିର ମାଲିକଙ୍କ ପୁଅ ଘର ଭାଙ୍ଗିବାକୁ ବାରମ୍ବାର ଧମକ ଦେବାରୁ କନ୍ଧ ଗଞ୍ଜାମ ତହସିଲଦାର ଅରୁଣ ନାୟକଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ନ୍ୟାୟ ମିଳି ନ ଥିବା ଏତଲାରେ ଦର୍ଶାଯାଇଛି।



ଶିକ୍ଷକ ଧ୍ରୁବ ମହାରଣାଙ୍କୁ ସମ୍ମାନିତ କରାଯାଉଛି।

## ମାର୍ଚ୍ଚ ୧ରୁ ହେଲ୍‌ମେଟ୍ ନ ପିନ୍ଧିଲେ କାର୍ଯ୍ୟାଳୟ ମନା

**ଭଞ୍ଜନଗର,୯।୨(ଡି.ଏନ୍.ଏ.)**

ଭଞ୍ଜନଗର ଉପଖଣ୍ଡରେ ହେଲମେଟ୍ ପିନ୍ଧିବା ଆଇନ ମାର୍ଚ୍ଚ ୧ରୁ କଡ଼ାକଡ଼ି କରାଯିବ। ମଙ୍ଗଳବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏହା କହିଛନ୍ତି। ସରକାରୀ କାର୍ଯ୍ୟାଳୟକୁ ବାଇକ୍‌ରେ ଆସୁଥିବା ଲୋକେ ମାର୍ଚ୍ଚ ୧ରୁ ହେଲମେଟ୍ ପିନ୍ଧିବାକୁ ବାଧ୍ୟ। ନଚେତ୍ କାର୍ଯ୍ୟାଳୟକୁ ଯିବାକୁ ଦିଆଯିବନି। ମେଡ଼ିକାଲ ଅଧୀକ୍ଷକ ଡ଼. ସୀତାଂଶୁ ଶେଖର ଶତପଥୀ ଘଟୁଥିବା ଦୁର୍ଘଟଣାର ବିଭିନ୍ନ କାରଣ କହିଥିଲେ। ଆଗକୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ କହିଥିଲେ। ଜଣଙ୍କର ୨ଥର ଲାଇସେନ୍ସ ରଦ୍ଦ ହେଲେ ତୃତୀୟଥର ଆଉ ଦିଆଯିବନାହିଁ। ବିଭିନ୍ନ ସଂଘର କର୍ମକର୍ତ୍ତା ଆଲୋଚନାରେ ଭାଗନେଇ ସହରର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ଓ ରାସ୍ତା ସମସ୍ୟା ସୁଧାରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଦୁର୍ଘଟଣାରେ ଆହତଙ୍କୁ ମେଡ଼ିକାଲ ନେବାରେ ସାହାଯ୍ୟ କରିଥିବା ଶିକ୍ଷକ ଧ୍ରୁବ ମହାରଣା, କରୋନା ଯୋଦ୍ଧା ଭାବେ ଭଞ୍ଜନଗର ପ୍ରେସ୍ କ୍ଲବ, ମେଡ଼ିକାଲ ଅଧୀକ୍ଷକ ଡ଼. ସୀତାଂଶୁ ଶେଖର ଶତପଥୀ, ସାମାଜିକକର୍ମୀ ଶୁଳପାଣି ଶତପଥୀ, ସଡ଼କ ସୁରକ୍ଷା ସଚେତନତାରେ ଅଗ୍ରଣୀ ଭୂମିକା ନେଇଥିବା ସରପଞ୍ଚ ନିର୍ମଳ ନାୟକ, ଜିଲା ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ବି. ଗୋବିନ୍ଦ ରାଓ, ହେଲ୍‌ପିଙ୍ଗ୍ ହ୍ୟାଣ୍ଡ ପ୍ରମୁଖ ସଙ୍ଗଠନକୁ ଉପଜିଲାପାଳ ମାନପତ୍ର ଦେଇଥିଲେ।

## ଶୀତଳାପଲ୍ଲୀରେ ରେଳ ୱାଗନ କାରଖାନା ହେଉ

- ଦକ୍ଷିଣ ଓଡ଼ିଶାର ସ୍ୱାର୍ଥ ପାଇଁ ସିପିଏମ୍‌ର ଦାବି
- ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ପାଇଁ ବଜେଟରେ ହୋଇନି ବ୍ୟୟବରାଦ

**ବ୍ରହ୍ମପୁର ଅଫିସ,୯।୨**

କେନ୍ଦ୍ର ସରକାରଙ୍କ ୨୦୨୧-୨୨ ରେଳ ବଜେଟରେ ଦକ୍ଷିଣ ଓଡ଼ିଶାକୁ ଅବହେଳା କରାଯାଇଛି। ସର୍ଭେର ୧୨ ବର୍ଷ ବିତିଛି ଏବଂ ୮ ବର୍ଷ ତଳେ ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ନିର୍ମାଣ ପାଇଁ ପୂର୍ବ କେନ୍ଦ୍ର ଯୋଜନା କମିଶନ ଓ ବର୍ତ୍ତମାନର ନୀତି ଆୟୋଗ ମଞ୍ଜୁରୀ ଦେଇଥିବା ସତ୍ତ୍ୱେ ଏହି ବଜେଟରେ ବ୍ୟୟ ବରାଦ ନ ହୋଇ ଉପେକ୍ଷା କରାଯାଇଛି। ଅନ୍ୟପକ୍ଷରେ ବହୁ ପ୍ରତୀକ୍ଷିତ ବ୍ରହ୍ମପୁର ନିକଟ ଜଗନ୍ନାଥପୁରଠାରୁ ସମ୍ବଲପୁର ରେଳପଥ ନିର୍ମାଣ ଦିଗରେ ବଜେଟରେ ବ୍ୟୟବରାଦ ହୋଇ ନ ଥିବା ବେଳେ ଟୋକନ୍ ଭାବେ ମାତ୍ର ହଜାରେ ଟଙ୍କା ରଖାଯାଇ ଲଲିପପ୍ ଧରାଇ ଦିଆଯାଇଛି। ରେଳ ବଜେଟ ନେଇ ଶାସକ ବିଜେଡି ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ କଂଗ୍ରେସରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଭାଜପା ଖୁସିବ୍ୟକ୍ତ କରିଛି। ସିପିଏମ୍ ଓଡ଼ିଶା ରାଜ୍ୟ କମିଟି ଦକ୍ଷିଣ ଓଡ଼ିଶାକୁ ମୋଦି ସରକାର ବୈମାତୃକ ମନୋଭାବ ପୋଷଣ କରିଥିବା ଅଭିଯୋଗ କରିଛି।

ସିପିଏମ୍ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଏଠାରେ କହିଛନ୍ତି, ବ୍ରହ୍ମପୁର ନିକଟ ଏବଂ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଶୀତଳାପଲ୍ଲୀରେ ରେଳ ୱାଗନ କାରଖାନା ପ୍ରତିଷ୍ଠା ପାଇଁ କଂଗ୍ରେସ ନେତୃତ୍ୱାଧୀନ ପୂର୍ବ ଉପା ସରକାରଙ୍କ ପ୍ରଥମ ପାଳିରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ଏହା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ କରାଯିବାର ପ୍ରସ୍ତାବ ଥିଲା। ସେଠାରେ ଆବଶ୍ୟକ ସରକାରୀ ଜମି ଅଭାବ ଯୋଗୁ ଗଞ୍ଜାମ ଜିଲାର ଶୀତଳାପଲ୍ଲୀକୁ ଚିହ୍ନଟ କରାଗଲା। ଉପା ସରକାରଙ୍କ ଦ୍ୱିତୀୟ ପାଳିରେ ମଧ କାରଖାନା ନିର୍ମାଣ ପ୍ରତି ଅଣଦେଖା କରାଯାଇଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳିରେ ୱାଗନ କାରଖାନା ନିମନ୍ତେ ରେଳ ବଜେଟରେ ୨ କୋଟି ବ୍ୟୟବରାଦ କରାଯାଇଥିଲା। ସରକାରୀ ଜମି ମଧ ଚିହ୍ନଟ ହୋଇଥିଲା। ଜଗନ୍ନାଥପୁର ଓ ନରସିଂହପୁର ରେଳଷ୍ଟେଶନ ମଧ୍ୟରେ କାରଖାନା ହେବାର ଥିଲା। ରେଳୱେର ପଦାଧିକାରୀମାନେ ବହୁବାର ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପରବର୍ତ୍ତୀ ବଜେଟରେ ଏଥିପାଇଁ ମାତ୍ର ହଜାରେ ଟଙ୍କା ଟୋକନ ମନି ରଖାଗଲା। ଶେଷରେ ପ୍ରସ୍ତାବିତ କାରଖାନାକୁ ମୋଦି ସରକାର ପ୍ରତ୍ୟାହାର କରି ନେଇଛନ୍ତି। ଶୀତଳାପଲ୍ଲୀରେ ୱାଗନ କାରଖାନା କରାଯାଇଥିଲେ ହଜାର ହଜାର ଶ୍ରମିକଙ୍କୁ କର୍ମନିଯୁକ୍ତି ମିଳିଥାନ୍ତା। ଏହା ବେକାରି ସମସ୍ୟାର ସମାଧାନରେ କିଛିଟା ସହାୟକ ହୋଇଥାନ୍ତା। ଗଞ୍ଜାମ ଜିଲାର ଅର୍ଥନୈତିକ ବିକାଶ ଘଟିବାର ଆଶା କରାଯାଇଥିଲା। ତାହା ବନ୍ଦ କରାଯିବାରୁ ସମସ୍ତ ଆଶା ମଉଳି ଯାଇଛି। ୱାଗନ କାରଖାନା ବନ୍ଦ ଘୋଷଣା ପରେ ରାଜ୍ୟ ବିଜେଡି ସରକାର ମଧ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା କିମ୍ବା କାର୍ଯ୍ୟକାରୀ ନିମନ୍ତେ ଦାବି କରାଗଲା ନାହିଁ। ଫଳରେ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ସମ୍ପର୍କକୁ ପ୍ରମାଣିତ କରିଥିବା ସିପିଏମ୍ ନେତା କଟାକ୍ଷ କରିଛନ୍ତି। ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମର ସ୍ୱାର୍ଥ ନିମନ୍ତେ ୱାଗନ କାରଖାନା ପ୍ରତିଷ୍ଠା ଲାଗି ପାର୍ଲାମେଣ୍ଟରେ ଓଡ଼ିଶାର ଏମ୍‌ପିମାନେ ଦାବି କରିବା ଉପରେ ସିପିଏମ୍ ଗୁରୁତ୍ୱ ଦେଇଛି।

## ଘରୁ ଟଙ୍କା ଓ ଗହଣା ଚୋରି

ଦିଗପହଣ୍ଡି,(ଡି.ଏନ.ଏ.): ସିଦ୍ଧେଶ୍ୱର ଗ୍ରାମର ବାବୁ ପ୍ରଧାନଙ୍କ ଘରୁ ମଙ୍ଗଳବାର ଭୋରରେ ଚୋରି ହୋଇଛି। ଚୋରମାନେ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ପ୍ରାୟ ୨ଲକ୍ଷ ଟଙ୍କାର ସୁନା ଗହଣା ସହ ବହୁ ରୁପା ଅଳଙ୍କାର ଓ ନଗଦ ୨୦ ହଜାର ଟଙ୍କା ଚୋରିକରି ନେଇଥିବା ବାବୁ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### ଏଲ୍ଏନ୍ କ୍ରିକେଟ୍ ଟୁର୍ନାମେଣ୍ଟ, କୁମାରିପାରି ବିଜୟୀ

ବେଗୁନିଆପଡା,୯।୨(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ତାଳସର ହାଇସ୍କୁଲ ପଡ଼ିଆଠାରେ ଲକ୍ଷ୍ମୀ ନୃସିଂହ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କଂଗ୍ରେସ ନେତା ଭବାନୀ ପ୍ରସାଦ ଜେନା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ପ୍ରମୋଦ କୁମାର ଭୂୟାଁ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ କୁମାରିପାରି ଦଳ ଓଡନଇ ଦଳକୁ ଭେଟିଥିଲା। କୁମାରିପାରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨୩୫ ରନ କରିଥିଲା। ଜବାବରେ ଓଡନଇ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ସନତ କୁମାର ତାରିଣୀ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଗୌରଭ କିଶୋର ରାୟ ଓ ହର ପ୍ରସାଦ ଜେନା ପରିଚାଳନା କରିଥିଲେ।

### ଶିଶୁ ସମ୍ପର୍କ ଯାତ୍ରା

କାଶୀନଗର,୯।୨(ଡି.ଏନ୍.ଏ.): ଗଜପତି ଜିଲା ଶିଶୁ ମଙ୍ଗଳ ସମିତି ଆନୁକୂଲ୍ୟରେ ଶିଶୁ ସମ୍ପର୍କ ଯାତ୍ରା କାଶୀନଗରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ବୈଷୟିକ ସହାୟତା ନେଇ ଏହି ଉପଲକ୍ଷେ ବ୍ଲକ ସଭାଗୃହରେ ଏକ ସମାବେଶ ହୋଇଥିଲା। ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟା ଅଳକା ସାହୁ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟତଃ ଶିଶୁ ହିଂସାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୧୧ରୁ ଶିଶୁ ନିର୍ଯାତନା, କନ୍ୟାଭ୍ରୂଣ ହତ୍ୟା, ଶିଶୁ କନ୍ୟା ହତ୍ୟା ଭଳି ଅପରାଧମୂଳକ କାର୍ଯ୍ୟ ଓ ମାନସିକତାର ଦୂରୀକରଣ ପାଇଁ ଏକ ସଚେତନତା ରଥ ଜିଲା ପରିକ୍ରମା କରିବ ବୋଲି ମଞ୍ଚାସୀନ ଅତିଥିମାନେ ସୂଚନା ଦେଇଥିଲେ। ପ୍ରମୋଦ କୁମାର ରାଉଳ, ହିରଣ୍ୟ କୁମାର ରାୟ, ଭାଗ୍ୟଲକ୍ଷ୍ମୀ ନାୟକ, ନାଗେଶ୍ୱର ଚୌଧୁରୀ, ଜୟ ପ୍ରକାଶ ବାଡ଼ତ୍ୟା, ଏ. ଆପ୍ପା ରାଓ, ରଙ୍କନିଧି ପାତ୍ର ମଞ୍ଚାସୀନ ରହି ନିର୍ଯାତିତା ମହିଳା ଓ ବାଳିକାମାନଙ୍କ ସମନ୍ୱିତ ସୁବିଧା ଓ ସହଯୋଗ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ।

### ଓଜନ ହ୍ରାସ ପ୍ରତିଯୋଗିତା

ସୋରଡା,୯।୨(ଡି.ଏନ୍.ଏ.): ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ନିଃଶୁଳ୍କ ଆନନ୍ଦ ବ୍ୟାୟମ କେନ୍ଦ୍ରରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ଓଜନ ହ୍ରାସ ପ୍ରତିଯୋଗିତା। ଅଧିକ ଓଜନ ଥିବା ଯୁବକମାନେ ଓଜନ ସହ ନାମ ପଞ୍ଜୀକରଣ କରିଛନ୍ତି। ପ୍ରତିଦିନ ବ୍ୟାୟମ କେନ୍ଦ୍ରକୁ ଆସୁଥିବା ଯୁବକମାନେ କିପରି ଓଜନ କମାଇବେ ସେଥିପାଇଁ ଡାକ୍ତର ସନ୍ତୋଷ କୁମାର ପଣ୍ଡା ଆରମ୍ଭ କରିଛନ୍ତି ଅଭିନବ ପ୍ରୟାସ। ମାସେ ମଧ୍ୟରେ ୫ କେଜି ଓଜନ ହ୍ରାସ ହେଲେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ବୋଲି ଡାକ୍ତର ପଣ୍ଡା କହିଛନ୍ତି।

### ଭାଜପା ରାଜ୍ୟ ସଭାପତି, ବିରୋଧୀ ଦଳ ନେତାଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୯।୨(ଡି.ଏନ୍.ଏ.): ଛତ୍ରପୁର ଭାଜପା ପକ୍ଷରୁ ଜିଏନ୍‌ପାଲାମ ନିକଟ ଜାତୀୟ ରାଜପଥରେ ବିଧାନସଭା ବିରୋଧୀଦଳ ନେତାଙ୍କ ସମେତ ଭାଜପା ରାଜ୍ୟ ସଭାପତିଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ବିରୋଧୀ ଦଳ ନେତା ପ୍ରଦୀପ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ଭାଜପାର ବ୍ରଜ ମୋହନ ଆଚାର୍ଯ୍ୟ, ପି. ଧର୍ମା ରେଡ୍ଡୀ, ଅମେରଶ ମହାରଣା, ବାଦଲ ବେହେରା, ଏସ.ନାରାୟଣ ରେଡ୍ଡୀ, ଫିରୋଜ କୁମାର ବେହେରା,ଡି.ସୁରି ନାରାୟଣ ରେଡ୍ଡୀ, ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

ବୁଗୁଡ଼ା,୯।୨(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଖୋଲଖାଲି ଏବଂ କରସିଙ୍ଗି ପଞ୍ଚାୟତରେ ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋଲଖାଲି ପଞ୍ଚାୟତର ବୁରୁଝୋଲାଠାରେ ମାଣିତରା ମଣ୍ଡଳ ଭାଜପା ସଭାପତି ସୁଶାନ୍ତ କୁମାର ଡାକୁଆ ଅଧକ୍ଷତା କରିଥିବା ବେଳେ କରସିଙ୍ଗି ପଞ୍ଚାୟତ ଉଦୟପୁର ଶିବ ମନ୍ଦିର ନିକଟରେ ପଞ୍ଚାୟତସ୍ତରୀୟ ଭାଜପାର ସାଙ୍ଗଠନିକ ବୈଠକ ହୋଇଥିଲା। ଏଥିରେ କରଚୁଲି ମଣ୍ଡଳ ସଭାପତି ବିଷ୍ଣୁଚରଣ ପ୍ରଧାନ ଅଧକ୍ଷତା କରିଥିଲେ। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ, ମଣ୍ଡଳ ଉପସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ଦୀପକ ପ୍ରଧାନ, ହର ପ୍ରସାଦ ଦାଶ, ଇଂ.ସୁବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବିଜୁ ପାଠାଗାର, ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଗଠନ ନିର୍ଦ୍ଦେଶ

ଛତ୍ରପୁର,୯।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବ୍ଲକରେ ୧୦୦ ଦିନିଆ ଶ୍ରମଦିବସ, ଉଦ୍ୟାନ କୃଷି, ଛତୁ ଚାଷ, ଜୀବନ ଓ ଜୀବିକାର ସଶକ୍ତୀକରଣ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲାର ପ୍ରତ୍ୟେକ ବ୍ଲକ ଯେଭଳି ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ରହିବ ସେଥିପ୍ରତି ବିଡିଓମାନେ ନଜର ରଖିବେ। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ, ଶତପ୍ରତିଶତ ଲୋକ ଯେଭଳି ପାଇଖାନା ବ୍ୟବହାର କରିବେ, ଜନଗହଳିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳଗୁଡିକ ସଫାସୁତୁରା ରଖିବା ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ପ୍ରତ୍ୟେକ ବ୍ଲକରେ ଫେବୃୟାରୀ ସୁଦ୍ଧା ୨୦୦ଟି ଲେଖାଏ ପକ୍ଷୀପାଳନ କେନ୍ଦ୍ର, ଗୁହାଳ, ଛତୁଚାଷ, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ସହ ଜନସଚେତନତା ଲାଗି ବିଡିଓମାନେ ବ୍ଲକରେ ସନ୍ଧ୍ୟାରେ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

## ସନ୍ଧ୍ୟାରେ ରୋଜଗାର ମେଳା

ରୋଜଗାର ମେଳା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ବିଜୁ ପଞ୍ଚାୟତ ପାଠାଗାର ସ୍ଥାପନ, ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଗଠନ ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ସମୁଦାୟ ୩୫୯ଟି ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୨୮ଟିର କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ନିର୍ମାଣ, ପୁଷ୍କରିଣୀ ଖନନ, ମୋ ଉପକାରୀ ବଗିଚା, କୁକୁଡା, ବତକ ଆଦି ପକ୍ଷୀପାଳନ କେନ୍ଦ୍ର ଆଦି ଉନ୍ନୟନ କାର୍ଯ୍ୟଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ) ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସକ) ଜ୍ୟୋତି ଶଙ୍କର ରାୟ, ଆର୍‌ଡବ୍ଲୁଏସ୍‌ଏସ୍, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ, କୃଷି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ, ସମସ୍ତ ବିଡିଓ, ସିଡିପିଓ ଏବଂ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପାନ ମସଲା, ମଦ ଦୋକାନରୁ ଚୋରି

ଗୋପାଳପୁର,୯।୨

ଗୋଳନ୍ଥରା ଥାନା କନିଷି ହାଟସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସର ପାନ ମସଲା ହୋଲସେଲ ଦୋକାନ ଓ ରଣ୍ଡା ଗ୍ରାମର ଚିକରଡ଼ା ରାସ୍ତାରେ ଥିବା ଏକ ଦେଶୀ ମଦ ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଏ ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉଭୟ ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବ୍ରହ୍ମପୁର ପ୍ରେମ ନଗର ଅଞ୍ଚଳର ରାମକ୍ରିଷ୍ଣା କନିଷି ହାଟସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଗତ ଜାନୁୟାରୀ ୧୬ ତାରିଖରୁ ହୋଲସେଲ ଦୋକାନ କରି ସଫଲ୍ ପାନ ମସଲା ବିକ୍ରି କରୁଥିଲେ। ସୋମବାର ସନ୍ଧ୍ୟାରେ ସେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ଦୁଇଟି ତାଲା ତାଡ଼ି ୪୨ବସ୍ତା ସଫଲ୍ ପାନ ମସଲା ଚୋରି କରି ନେବା ସହ ଦୋକାନରେ ଦୁଇଟି ନୂଆ ତାଲା ପକାଇ ଚାଲିଯାଇଥିଲେ। ମଙ୍ଗଳବାର ରାମକୃଷ୍ଣ ନୂଆ ତାଲା ଦେଖି ତାହାକୁ ଭାଙ୍ଗି ଦେଖିବାରେ ଦୋକାନରୁ ଚୋରି ହୋଇଥିବା ଜାଣିଥିଲେ। ଚୋରି ସାମଗ୍ରୀର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସେ କହିଛନ୍ତି।

ସେହିପରି ଚିକରଡ଼ା ରାସ୍ତାରେ ଥିବା ମଦ ଦୋକାନ ସଟର ତାଲା ଭାଙ୍ଗି କ୍ୟାଶ କାଉଣ୍ଟରରୁ ୧ ଲକ୍ଷ ୨୮ ହଜାର ଟଙ୍କା ଓ ଗୋଟିଏ ସୁନା ମୁଦି ଚୋରାଇ ନେଇଛନ୍ତି। ଦୋକାନ କର୍ମଚାରୀଙ୍କ ଅଭିଯୋଗ ପ୍ରକାରେ ଥାନାରେ ନଂ.୩୯/୨୧ରେ ମାମଲା ରୁଜୁ ହୋଇଛି।



ପାନ ମସଲା ଚୋରି ଯାଇଥିବା ଗୃହ ।

# ବାଚସ୍ପତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର

ଦିଗପହଣ୍ଡି,୯।୨(ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମଙ୍ଗଳବାର ଦିଗପହଣ୍ଡି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସହ ଭତ୍ତା ବଣ୍ଟନ ଓ ସାମଜିକ କାର୍ଯ୍ୟରେ ଯୋଗ ଦେଇଥିଲେ। ରାମନଦୀ ଜଳସେଚନ ପ୍ରକଳ୍ପର ପ୍ରକଳ୍ପର ପୁନରୁଦ୍ଧାର ଓ ଉନ୍ନତିକରଣ ଭିତ୍ତିପ୍ରସ୍ତର ସ୍ଥାପନ ସହ ଗଡସାମନ୍ତରାପୁର ନିକଟସ୍ଥ ଛେଳିଗଡ ବିସ୍ଥାପିତ କଲୋନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସପ୍ତାହିକ ହାଟ ଓ ଖେଳପଡିଆ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହ ଗଡ଼ସାମନ୍ତରାପୁର ଗ୍ରାମ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଛେଳିଗଡ ଜଳ ସମ୍ପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ, ଏଥିପାଇଁ ବିସ୍ଥାପିତ ହେଉଥିବା ଗ୍ରାମବାସୀମାନେ ବିସ୍ଥାପିତ କଲୋନୀକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ବିସ୍ଥାପିତଙ୍କୁ ଥଇଥାନରେ ସମସ୍ୟା ହେଉଥିବାରୁ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ଘଟିଛି। ଏଣିକି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ଓ ବ୍ଲକର ଚାଷୀ ଉପକୃତ ହେବେ ବୋଲି ବାଚସ୍ପତି କହିଥିଲେ।

ଖମ୍ବାରୀ ସରପଞ୍ଚ ସନ୍ତୋଷ କୁମାର ପାତ୍ର, ଜିଲା ପରିଷଦ ପ୍ରତିନିଧି ରବିଚନ୍ଦ୍ର ଗୌଡ, ସମିତିସଭ୍ୟ ସୀମାଞ୍ଚଳ ଗୌଡ, ବ୍ଲକ୍ ଉପାଧ୍ୟକ୍ଷା ଏମ୍. ଅନସୂୟା ରେଡ୍ଡୀଙ୍କ ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ, ବ୍ଲକ ଯୁବ ବିଜେଡି ସଭାପତି ଚିତ୍ରସେନ ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। ଦିଗପହଣ୍ଡି ଛେଳିଗଡ କେନାଲ୍ ଡିଭିଜନ୍‌ର ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ବିଭୂଦତ୍ତ ପଣ୍ଡା, ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଉମେଶ ପଟ୍ଟନାୟକ ଓ ସଦାନନ୍ଦ ବେହେରା ପ୍ରମୁଖ ରାମନଦୀ ପୁନରୁଦ୍ଧାର ପ୍ରକଳ୍ପର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହା ସହିତ ବଳଡିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ମାଟିଗୁଡା ଘାଇ ପ୍ରକଳ୍ପର ପୁନଃଉଦ୍ଧାର ପାଇଁ ବାଚସ୍ପତି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ବିଜେଡି ନେତା ଭି.ରବିନାରାୟଣ ରାଜୁ, ବି.କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ପ୍ରମୋଦ ପାଣିଗ୍ରାହୀ, ଉମା ମହେଶ୍ୱରୀ ସେଠୀ, ନିରୁପମା ପଟ୍ଟନାୟକ, ରାମକୃଷ୍ଣ ପାଢୀ, ସମୀର କୁମାର ସ୍ୱାଇଁ, ମାଗି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବାଚସ୍ପତିଙ୍କ ଉଦ୍‌ବୋଧନ ଦେଉଛନ୍ତି।

## ପ୍ରଦର୍ଶନୀ ମ୍ୟାଚ୍: ନୂଆଗାଁ ଭେଟେରିଆନ୍ ବିଜୟୀ

କ.ନୂଆଗାଁ,୯।୨(ଡି.ଏନ୍.ଏ.)

ସ୍ଥାନୀୟ ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଆଜି ଥିଲା ପ୍ରଦର୍ଶନୀ ମ୍ୟାଚ୍। ନୂଆଗାଁ ଭେଟେରିଆନ୍ ଓ ଭଞ୍ଜନଗର ଭେଟେରିଆନ୍ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା। ନୂଆଗାଁ ୨-୦ରେ ବିଜୟୀ ହୋଇଛି। ଭଞ୍ଜନଗରର ଦିଲୀପ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ସମ୍ମାନିତ କରାଯାଇଥିଲା। କନ୍ଧମାଳର ଜିଲା ପରିଷଦର ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜେଡି ରାଜ୍ୟ ପରିଷଦର ସଭ୍ୟ କୃଷ୍ଣ ମୋହନ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଏମ୍‌ପି ପ୍ରତିନିଧି ବାସୁଦେବ ପଣ୍ଡା, ପରିଚାଳନା କମିଟି ର ସମ୍ପାଦକ ହିତେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଗାଁ ଭେଟେରିଆନ୍ ଦଳର ଅଧିନାୟକ ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଖେଳିଥିଲେ। ବିଜୟୀ ନୂଆଗାଁ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ।

## ବିଧାୟକ ବାଣ୍ଟିଲେ ଭତ୍ତା

ଆର.ଉଦୟଗିରି,୯।୨(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ସଭାଗୃହରେ ସୋମବାର ମୋହନା ବିଧାୟକ ଦାଶରଥି ଗମାଙ୍ଗ ୧୬୨ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ପ୍ରଦୀପ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ଅନିତାରାଣୀ ମଣ୍ଡଳ, ଜିଲା ପରିଷଦ ସଭ୍ୟ ଯାକବ ମାଝି, ସୁପ୍ରଭା ମଣ୍ଡଳ ଓ ଉପାଧ୍ୟକ୍ଷ ନବୀନ ରଇତ ପ୍ରମୁଖ ଉପସ୍ଥିତ ଥିଲେ। ୧୬୨ ନୂଆ ହିତାଧିକାରୀଙ୍କ ମଧ୍ୟରୁ ସୋମବାର ବିଧାୟକ ଗମାଙ୍ଗ ୫୦ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ରାମଗିରିରେ ବୁଧବାର ଏବଂ ୧୫ ତାରିଖରେ ମହେନ୍ଦ୍ରଗଡ ପଞ୍ଚାୟତରେ ଭତ୍ତା ବଣ୍ଟନ ହେବ ବୋଲି ଏସିଓ କହିଛନ୍ତି।

# ସୁବେଦାର କୃଷ୍ଣଚନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ

ଚିକିଟି,୯।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ପେଣ୍ଠର ସୁବେଦାର କୃଷ୍ଣଚନ୍ଦ୍ର ପଣ୍ଡା (୪୮)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ଆସାମରେ ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବାପରେ ମଙ୍ଗଳବାର ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଭାରତୀୟ ସେନାରେ ଆସାମରେ ପାରାଚୁଟର ବିହାର-୧୪ ରେଜିମେଣ୍ଟରେ କାର୍ଯ୍ୟରତ ଥିଲେ। ସୋମବାର ସକାଳେ ସେନାବାହିନୀ ଗାଡିରେ ଏକ ଫାୟରିଂ ଅଞ୍ଚଳକୁ ପାଟ୍ରୋଲିଂ କରିବାକୁ ଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସ୍ୱତନ୍ତ୍ର ବିମାନରେ ତାଙ୍କ ମରଶରୀର ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିବାପରେ ସେନାବାହିନୀର ସ୍ୱତନ୍ତ୍ର ଗାଡିରେ ଚିକିଟି ଅଣାଯାଇଥିଲା। ଚିକିଟି ବିଧାୟିକା ଉଷା ଦେବୀ, ମନୋରଞ୍ଜନ ଦ୍ୟାନସାମନ୍ତରା ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, କେ.ନୂଆଗାଁ ଥାନାଧିକାରୀ ମାଧବାନନ୍ଦ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ତୋପ ସଲାମୀ ଦେଇଥିଲେ।



ସୁବେଦାର କୃଷ୍ଣଚନ୍ଦ୍ରଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

## ଆନ୍ତଃଜିଲା ଭଲିବଲ୍ ଟୁର୍ନାମେଣ୍ଟ: ବିକ୍ରମପୁର ବିଜୟୀ

ସୋରଡା,୯।୨(ଡି.ଏନ୍.ଏ.)

ସୋରଡା ବୋର୍ଡ ୟୁପି ସ୍କୁଲ ଖେଳ ପଡିଆରେ ଚାଲିଥିବା ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟର ୩ୟଦିନ ଖେଳ ବିକ୍ରମପୁର ଓ ବାଲିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକ୍ରମପୁର ବିଜୟ ଲାଭ କରିଛି। ବରିଷ୍ଠ କ୍ରୀଡାବିତ୍ ସୟଦ ରାଫି ଅତିଥି ଭାବେ ଯୋଗଦେଇ ଉତ୍ତମ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ଦାସ, ରାଜେନ୍ଦ୍ର ବେହେରା, ସଦସ୍ୟ ଡିଲୁ ମହାରଣା, ଟୁନା ସେନାପତି, ସୟଦ ୱାସିମ୍, ମନୋଜ ପ୍ରଧାନ, ସରୋଜ ପ୍ରଧାନ, ରାଜେଶ ନାୟକ ପରିଚାଳନା କରିଥିଲେ।

# ନୀଳାଦ୍ରି, ରମେଶଙ୍କୁ ମିଳିଲା ଭତ୍ତା

ଖଜୁରିପଡ଼ା/ବଲସକୁମ୍ପା, ୯।୨(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର୍ କହଁରଙ୍କ ନେତୃତ୍ୱରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ନୂତନ ଭତ୍ତା ବଣ୍ଟନ ଶିବିର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସୌଦାମିନୀ କହଁର, ସମିତିସଭ୍ୟ ଜିତେନ୍ଦ୍ର ଦାସ, ସମିତିସଭ୍ୟା ଗୀତାଞ୍ଜଳି ସାହୁ, ସରପଞ୍ଚ ଭନୁପ୍ରୀୟା ଜାନି ପ୍ରମୁଖ ଉପସ୍ଥିତ ରହି ନୂତନ ଭତ୍ତା ବଣ୍ଟନ କରିଥିଲେ। ମୋଟ ୧୮୩ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ତୁଷାରାଣୀ ନାୟକ ସୂଚନା ଦେଇଛନ୍ତି। ୧୪ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରିଣୀ ପରିଚାଳନା କରିଥିବା ବେଳେ ମନୋଜ କୁମାର୍ ସାସମଲ୍ ସହଯୋଗ କରିଥିଲେ। ପ୍ରକାଶଥାଉକି, ଭତ୍ତା ପାଇଥିବା ନୀଳାଦ୍ରି ମଲିକଙ୍କ ସମ୍ପର୍କରେ ୨୬ ଜାନୁଆରୀ ୨୦୨୧ରେ 'ଧରିତ୍ରୀ'ରେ 'ଗୁହାଳେ ବିତୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସେହିପରି ରମେଶ ଦିଗାଲ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୋଲି ଖବର ପ୍ରକାଶ ପାଇଥିଲା। ଏହି ୨ଜଣଙ୍କୁ ମଙ୍ଗଳବାର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି।

# ଖେମୁଣ୍ଡି ଓକିଲ ସଂଘର ଆଲୋଚନା ସଭା

ଦିଗପହଣ୍ଡି,୯।୨(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଅଶେଷ ନାଥ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହିସଭାରେ ସଭାପତିପରେଶ ଚନ୍ଦ୍ର ରଥ ଅଧକ୍ଷତା କରିଥିଲେ। ସଂଘର ଅଭିବୃଦ୍ଧି ଏବଂ ବିବିଧ ସମସ୍ୟା ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ଦିଗପହଣ୍ଡି ଠାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ନିମନ୍ତେ ଓକିଲ ସଂଘ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ୩ଟି କୃଷି ଆଇନ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଓକିଲ ସଂଘ ପକ୍ଷରୁ ସେମିନାର ଆୟୋଜନ କରାଯିବା ନିମନ୍ତେ ସଭାରେ ଆଗତ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଂଘ ଉପସଭାପତି ରଞ୍ଜନ କୁମାର ବେହେରା, ସହ ସମ୍ପାଦକ ଗିରିଜା ନନ୍ଦନ ମେକାପ, କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସମେତ ବରିଷ୍ଠ ସଦସ୍ୟ ସୂର୍ଯ୍ୟନାରାୟଣ ସାହୁ, ରସାନନ୍ଦ ରାଉତ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ହେମନ୍ତ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ତ୍ରିପାଠୀ, ବିଜୟ କୁମାର ପ୍ରଧାନ, ଟୁକୁନା ପ୍ରଧାନ, ପ୍ରିୟରଞ୍ଜନ ପଟ୍ଟନାୟକ, ପ୍ରହଲ୍ଲାଦ ପ୍ରଧାନ, କିଶୋର ଚନ୍ଦ୍ର ଗୌଡ, ମଞ୍ଜୁଲତା ଲେଙ୍କା, ପ୍ରଫୁଲ୍ଲ ସେଠୀ, ସଂଘର ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସଭାରେ ଉପସ୍ଥିତ ସଂଘ କାର୍ଯ୍ୟକର୍ତ୍ତା ଓ ସଦସ୍ୟବୃନ୍ଦ।

# ପାରଳାରେ ଶକ୍ତି ପ୍ରଦର୍ଶନ କଲା ବିଜେଡି

ପାରଳାଖେମୁଣ୍ଡି,୯।୨(ଡି.ଏନ୍.ଏ.)



ମଞ୍ଚାସୀନ ବରିଷ୍ଠ ବିଜେଡି ନେତା।

**ବିଜୁ ଯୁବ ଛାତ୍ର ନେତୃତ୍ୱ ସମ୍ମିଳନୀ**
- ୭ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଓ ଯୁବକଙ୍କ ସମାଗମ
- ଯୋଗଦେଲେ ବହୁ ରାଜ୍ୟସ୍ତରୀୟ ନେତୃବୃନ୍ଦ

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ଷ୍ଟାଡିୟମ ପରିସରରେ ମଙ୍ଗଳବାର ବିଜୁ ଯୁବ ଛାତ୍ର ନେତୃତ୍ୱ ସମ୍ମିଳନୀ କରି ଶକ୍ତି ପ୍ରଦର୍ଶନ କରିଛି ବିଜେଡି। ଜିଲାର ୭ବ୍ଲକ ସମେତ କାଶୀନଗର ଏନ୍‌ଏସି ଓ ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୭ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଓ ଯୁବ ବିଜୁ ଜନତା ଦଳର ନେତା ଓ କର୍ମୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ରାଜ୍ୟ ବିଜେଡିର ଯୁବ ବ୍ୟାପାର ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ସମେତ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବାଙ୍କି ବିଧାୟକ ଦେବୀ ପ୍ରସାଦ ତ୍ରିପାଠୀ, ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ।

କଂଗ୍ରେସ ଓ ବିଜେପି ଉପରେ ବର୍ଷିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ଯୁବ ଓ ଛାତ୍ର ମାନଙ୍କୁ ସୁନାଗରିକ ହେବା ସହ ରାଜ୍ୟର ସାମୁହିକ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ନେତୃବୃନ୍ଦ କହିଥିଲେ। ଏହି ଅବସରରେ ଆର୍.ଉଦୟଗିରି ସରପଞ୍ଚ ସଞ୍ଜୁକ୍ତା ପୂଜାରୀ ଓ ମହେନ୍ଦ୍ରଗଡର ବରିଷ୍ଠ କଂଗ୍ରେସ ନେତା ସନ୍ତୋଷୀ ପ୍ରଧାନ ବିଜୁଜନତା ଦଳରେ ମିଶିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ଉଭୟେ କହିଥିଲେ। ଉପସ୍ଥିତ ଅତିଥିମାନେ ଫୁଲ ତୋଡା ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମଞ୍ଚରେ ନବାଗତ ଦଳର ନେତାଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀରେ ପ୍ରାୟ ୭ହଜାରରୁ ଅଧିକ ଯୁବଛାତ୍ର ଯୋଗ ଦେଇଥିଲେ।

ଏହି ସମ୍ମିଳନୀରେ ଗଜପତି ଜିଲା ସଭାପତି ପ୍ରଦୀପ ନାୟକ, ଜିଲା ଯୁବ ବିଜେଡି ସଭାପତି ଏସ୍. ଲିଙ୍ଗରାଜ, ବିଜୁ ଛାତ୍ର ଜନତା ଜିଲା ସଭାପତି ବିଶ୍ୱଜିତ ତ୍ରିପାଠୀ, ନଗର ସଭାପତି ସୂର୍ଯ୍ୟ ନାରାୟଣ ରାଜୁଗୁରୁ, ଲକ୍ଷ୍ମୀକାନ୍ତ ପରିଛା, ରାଜକୁମାରୀ କଲ୍ୟାଣୀ ଦେବୀ, ମାରୁତି ପାଳ, ସୁରେଶ ମାଝୀ, ସୁଜିତ କୁମାର ଦାସ, ସଂଯୁକ୍ତ ବେହେରା, ଅନିତା ଅଧିକାରୀ, ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବ ବିଜେଡି ସଭାପତି ଏସ୍. ଲିଙ୍ଗରାଜ ଏଥିରେ ସଭାପତିତ୍ୱ କରିଥିଲେ।

